# ପୌର ପରିଷଦ କାର୍ଯ୍ୟାଳୟ, ଯୋଡ଼ା

At/Po-Baneikala, Ps/Via-Joda, Dist-Keonjhar, Pin Code- 758038, Odisha
E-mail: eojodamunicipality@rediffmail.com

ପତ୍ର ସଂଖ୍ୟା: ୨୪୫୦ / ତା: ୧୩/୦୭/୨୦୨୩

## ଅଭିବ୍ୟକ୍ତି ପ୍ରକାଶନ

ଏତଦ୍ଵାରା ପୌର ପରିଷଦ କାର୍ଯ୍ୟାଳୟ, ଯୋଡ଼ାର ସମସ୍ତ ୧୪ ଗୋଟି ୱାର୍ଡର ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଘଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ମୁକ୍ତା ଯୋଜନା ମାଧ୍ୟମରେ ଆର୍ଥିକ ବର୍ଷ ୨୦୨୩-୨୪ ନିମନ୍ତେ ୱାର୍ଡ ମାନଙ୍କରେ ହେବାକୁ ଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଗୁଡ଼ିକର ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ ସଂସ୍ଥା ଭାବେ ଚୟନ କରିବା ପାଇଁ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଘ ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଅଛି । ଏଣୁ, ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ ବସ୍ତି ବାସିନ୍ଦା ସଂଘମାନେ ଆବଶ୍ୟକୀୟ କାଗଜପତ୍ର /ଦସ୍ତାବିଜ ସହ ତା-୨୫.୦୭.୨୦୨୩ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା କାର୍ଯ୍ୟାଦେଶ ପାଇଁ ନିର୍ଦ୍ଦିଷ୍ଟ ଫର୍ମ ଦ୍ଵାରା ଆବେଦନ କରିପାରିବେ । ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଆସନ୍ତା ତା-୨୬.୦୭.୨୦୨୩ ରିଖ ପୂର୍ବାହ୍ନ ୧୧.00 ଘଟିକା ସମୟରେ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଘ କିମ୍ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଯୋଡ଼ା ପୌର ପରିଷଦର ସଭା ଗୃହରେ ଖୋଲାଯିବା ପାଇଁ ସ୍ଥିର କରାଯାଇଅଛି । ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଘ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡିତ ଆବେଦନ ପତ୍ର ଯେକୌଣସି କାର୍ଯ୍ୟ ଦିବସରେ ଯୋଡ଼ା ପୌର ପରିଷଦ କାର୍ଯ୍ୟାଳୟରୁ କିମ୍ବା ଯୋଡ଼ା ପୌର ପରିଷଦର ୱେବସାଇଟ www.jodamunicipality.com ରୁ ମଧ୍ୟ ଡାଉନଲୋଡ କରିପାରିବେ । ଲଫାଫା ର ଉପରେ "ମୁକ୍ତା ଯୋଜନା ଦ୍ଵାରା ସହର ରୂପାନ୍ତରିକରଣ -୨୦୨୩-୨୪" ଲେଖାଥିବା ଆବଶ୍ୟକ । ଅଧିକ ଜାଣିବା ପାଇଁ ପୌର ପରିଷଦ କାର୍ଯ୍ୟାଳୟ, ଯୋଡ଼ା ସହ ଯୋଗାଯୋଗ କରି ପାରନ୍ତି।

### ମିଶନ ଶକ୍ତି ଗୋଷ୍ଠୀର ଯୋଗ୍ୟତା ପରିମାପକ ମାନଦଣ୍ଡ

୧ - ଆବେଦନ କରୁଥିବା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ/SDA, ସମ୍ପୃକ୍ତ ୱାର୍ଡର ହୋଇଥିବେ ।

୨ - ପଞ୍ଚ ସୂତ୍ର ନିୟମକୁ ଅନୁପାଳନ କରୁଥିବେ ( ନିୟମିତ ବୈଠକ, ନିୟମିତ ସଞ୍ଚୟ, ନିୟମିତ ଗୋଷ୍ଠୀ ମଧ୍ୟରେ ଋଣ କାରବାର,ନିୟମିତ ପରିଶୋଧ, ନିୟମିତ ହିସାବ ରଖିବା ଇତ୍ୟାଦି) ।

୩ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପରମାନେଣ୍ଟ ଏକାଉଣ୍ଟ ନମ୍ବର (PAN) ଥିବ ।

୪ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ଜମାଖାତା (Saving Account) ଥିବ ।

୫ -କୌଣସି ଆର୍ଥିକ ଅନିୟମିତତା ଯଥା ଋଣ, ଏନ. ପି. ଏ କିମ୍ବା ୱାନ ଟାଇମ ସେଟେଲମେଣ୍ଟ ଘୋଷିତ ହୋଇନଥିବ ।

୬ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ/SDA ଆର୍ଥିକ ବର୍ଷରେ ୪୦ ଲକ୍ଷରୁ ଅଧିକ କାର୍ଯ୍ୟ କରିନଥିବେ ।

୭ -ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ/SDA  ଆର୍ଥିକ ବର୍ଷରେ ୨.୫ ଲକ୍ଷରୁ ଅଧିକ ତଦାରଖ ରାଶି ଯଦି ପାଇଥିବେ, ସେ ସରକାରଙ୍କ ଆୟକର ଦେୟ (Income Tax Rerurn) କରିଥିବେ ।

୮ -ମିଶନ ଶକ୍ତି ଗୋଷ୍ଠୀ/SDA ର ପଞ୍ଜିକରଣ ଅଭିବ୍ୟକ୍ତି ପ୍ରକାଶନର ତାରିଖ ପୂର୍ବରୁ ଏକ ବର୍ଷ ହୋଇଥିବ ।

ନିର୍ବାହୀ ଅଧିକାରୀ
ପୌର ପରିଷଦ, ଯୋଡ଼ା

ପରିପତ୍ର ସଂଖ୍ୟା : ୨୪୫୩ /ତାରିଖ : ୧୩/୦୩/୨୦୨୩

ଏହାର ଏକକିତା ନକଲ ଯୋଡ଼ା ପୌର ପରିଷଦ ବିଜ୍ଞାପନ ଫଳକ / ସମସ୍ତ ସଭ୍ୟ ଓ ସଭ୍ୟା/ ସମସ୍ତ ୱାର୍ଡ ଅଫିସର/ ଶିଶୁ ବିକାଶ ଯୋଜନା ଅଧିକାରୀ (Urban) , ଯୋଡ଼ାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ୱାର୍ଡ ମାନଙ୍କର ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କ ଦୃଷ୍ଟିକୁ ଆଣିବାକୁ ଅନୁରୋଧ ।

ନିର୍ବାହୀ ଅଧିକାରୀ
ପୌର ପରିଷଦ, ଯୋଡ଼ା

ପରିପତ୍ର ସଂଖ୍ୟା : ୨୪୫୮ /ତାରିଖ : ୧୩/୦୩/୨୦୨୩

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, କେନ୍ଦୁଝରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ପୌର ପରିଷଦ, ଯୋଡ଼ା

ପରିପତ୍ର ସଂଖ୍ୟା : ୨୪୫୯ /ତାରିଖ : ୧୩/୦୩/୨୦୨୩

ଏହାର ଏକକିତା ନକଲ ଜିଲ୍ଲାପାଳ, କେନ୍ଦୁଝର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ପୌର ପରିଷଦ, ଯୋଡ଼ା

# ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା)

## ମୁକ୍ତା ଯୋଜନାରେ ନିର୍ମାଣ କାର୍ଯ୍ୟ ପାଇଁ ଆବେଦନ ପତ୍ର

ପ୍ରକଳ୍ପ ନାମ : ______________________________, ତାରିଖ : .........../ ....... / .................

୧. ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଙ୍ଘର ନାମ –

୨. ଗୋଷ୍ଠୀ/ସଙ୍ଘର ସଭାପତି ଏବଂ ସମ୍ପାଦିକାଙ୍କ ମୋବାଇଲ ନମ୍ବର :.........................../.........................

୩. ଗୋଷ୍ଠୀ/ସଙ୍ଘର ଠିକଣା (ୱାର୍ଡ ନମ୍ବର ସହିତ)-

୪. ସମ୍ପୃକ୍ତ ସଦସ୍ୟା/ସଦସ୍ୟଙ୍କ ସଂଖ୍ୟା :

୫. ଗୋଷ୍ଠୀ/ସଙ୍ଘର ପଞ୍ଜିକରଣ ନମ୍ବର:

୬. ସଞ୍ଚୟ ଖାତା ନମ୍ବର :

୭. ବ୍ୟାଙ୍କ ଓ ଶାଖା ର ନାମ :

୮. IFSC କୋଡ୍:

୯. ଗୋଷ୍ଠୀ/ସଙ୍ଘର PAN କାର୍ଡ ନମ୍ବର:

୧୦. ସଞ୍ଚୟ ଖାତାରେ ଥିବା ବଳକା ରାଶିର ପରିମାଣ :

୧୧. ପଞ୍ଚସୂତ୍ର ନିୟମାବଳୀ ଅନୁସରଣ କରୁଛନ୍ତି କି ? ...........

୧୨. ଚଳିତ ବର୍ଷ ପାଇଥିବା କାର୍ଯ୍ୟର ସମୁଦାୟ ଆର୍ଥିକ ମୂଲ୍ୟ ............

୧୩. ଚଳିତ ବର୍ଷ ମୁକ୍ତା ଯୋଜନାରେ ପାଇଥିବା ସମୁଦାୟ କାର୍ଯ୍ୟର ବିବରଣୀ (କାର୍ଯ୍ୟର ନାମ ଏବଂ ଏହାର ଆର୍ଥିକ ମୂଲ୍ୟ )

ଦସ୍ତଖତ (ସଭାପତି/ସଭାନେତ୍ରୀ )

ଦସ୍ତଖତ(ସମ୍ପାଦିକା/ ସମ୍ପାଦକ)

ଦରଖାସ୍ତ ସହିତ ପ୍ରମାଣ ପତ୍ର –

୧. Resolution ଖାତାର ପ୍ରଥମ ଓ ଶେଷ ପୃଷ୍ଠାର ନକଲ

୨. ବ୍ୟାଙ୍କ ଖାତାର ପ୍ରଥମ ଓ ଶେଷ ପୃଷ୍ଠାର ନକଲ

୩. କ୍ୟାଶ ବୁକ୍‌ର ନକଲ

୪. ID (ଆଧାର) ନକଲ

୫. PAN କାର୍ଡ ର ନକଲ

୬. ପୂର୍ବରୁ ପାଇଥିବା କାର୍ଯ୍ୟାଦେଶର ପ୍ରମାଣ ପତ୍ର

ନିର୍ବାହୀ ଅଧିକାରୀ

ପ୍ରକଳ୍ପ ସଂଯୋଜକ (ମୁକ୍ତା)

